# Akashvani, Sambalpur

## SAMBALPURI NEWS EVENING BULLETIN

## 20 May 2026-7.02- 7.12 pm.

---

୧- ଓଡ଼ିଶା ନ ପୁଞ୍ଜିନିବେଶ୍ ଆଉ ଶିଳ୍ପାୟନ୍ କ୍ଷେତ୍ରଥି ଅଏତ୍କା ସହଯୋଗ୍ କର୍ବା, ଜାପାନ୍ କହେଲେ ମୁଖ୍ୟମନ୍ତ୍ରୀ ।

୨- ବାହାର୍ଲା ଯୁକ୍ତ ଦୁଇ ପରୀକ୍ଷାଫଲ୍ ।

- ରାଏଜେ ୮୫ ଦଶ୍ମିକ୍ ୮/୫ ପ୍ରତିଶତ୍ ପରୀକ୍ଷାର୍ଥୀ ହେଲେ ପାସ୍ ।

୩- ରାଏଜେ ସ୍ୱତନ୍ତ୍ର ସଘନ ଭୋଟର୍ ତାଲିକା ସଂଶୋଧନ୍ ପ୍ରକ୍ରିୟା ଗୁଟେ ଜରୁରୀ ଖେପ୍ ଆଏଜ୍ଠାନୁ ହେଲା ମୁଲ୍ ।

ଆଉର୍

୪- ଇ ହପ୍ତାର୍ ଶେଷ୍ତକ୍ ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ୨ ନୁ ୩ ଡିଗ୍ରୀତକ୍ ବଢ଼୍ବା ତାପାମାତ୍ରା- ପାଣିପାଗ୍ ବିଭାଗ୍ର ସୂଚ୍ନା ।

ମୁଖ୍ୟମନ୍ତ୍ରୀ-ଜାପାନା ଉଚ୍ଚାୟୁକ୍ତ      ଭୁବ୍‌ନେଶ୍ୱର୍ ସମ୍ବାଦଦାତା

କୋଲ୍‌କାତା ନ ଅବସ୍ଥାପିତ୍ ଜାପାନର୍ ଉଚ୍ଚାୟୁକ୍ତ ଇସିକାୱା ୟୋସିହିସା ଆଏଜ୍ ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ନ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କୁ ଭେଟିକରି ଜାପାନ୍ ଆଉ ଓଡ଼ିଶା ଭିତ୍‌ରେ ସମ୍ପର୍କକେ ଜବର୍ କର୍‌ବାର୍ ଲାଗି ଆଲୋଚନା କରିଛନ୍ । ରାଜ୍ୟର୍ ଭିନ୍ ଭିନ୍ ବିକାଶ୍‌ମୂଲକ ପ୍ରକଳ୍ପଥି ଜାପାନ୍‌ର ସହଯୋଗ୍ ଆଉ ସମ୍ପ୍ରସାରିତ୍ ହେଉଥିବା ବାଣିଜ୍ୟିକ୍ ସମ୍ପର୍କକେ ମୁଖ୍ୟମନ୍ତ୍ରୀ ପ୍ରଶଂସା କରିଛନ୍ । ଓଡ଼ିଶା ନ ପୁଞ୍ଜିନିବେଶ୍ ଆଉ ଶିଳ୍ପାୟନ୍ ଚେରେଷ୍ଟାଥି ଜାପାନ୍ ନିଜର୍ ଭାଗିଦାରୀକେ ଆହୁରି ବଢ଼ାବା ବଲି ଶ୍ରୀ ମାଝୀ କହିଛନ୍ । ଆଲୋଚନା ବେଲ୍‌କେ ରାଜ୍ୟର୍ ବୌଦ୍ଧ ସର୍କିଟ୍ ଆଉ ଅଲ୍‌ଗା ପ୍ରାକୃତିକ୍ ପର୍ଯ୍ୟଟନ୍ ସ୍ଥଲୀମାନ୍‌କର୍ ଜାପାନ୍ ସହେତେ ପର୍ଯ୍ୟଟନ୍ ବ୍ୟବସାୟର ବିକାଶ୍ ଲାଗି ମୁଖିଆ ଜରିଆ ହେବା ବଲି ବୈଠକ୍‌ନୁ ଜନାପଡ଼ିଛେ । ରାଜ୍ୟର୍ ୟୁଆନ୍ ପିଲାଟୁକେଲ୍‌ମାନ୍‌କୁ ଜାପାନ୍ ନ ନିଯୁକ୍ତି ସୁଯୋଗ୍ ଦେବାର୍ ଲକ୍ଷ୍ୟଥି ଜାପାନ୍‌ର କେତେଟା ନିଯୁକ୍ତି ପ୍ରଦାନ୍‌କାରୀ ସଂସ୍ଥା

ଓଡ଼ିଶା ଆସ୍‌ବେ ବଲି ଜନାପଡ଼ିଛେ । ଓଡ଼ିଶାର୍ ଉଚ୍ଚସ୍ତରୀୟ ପ୍ରତିନିଧି ଦଲ୍ ଜାପାନ୍‌ର ତେତୋରି ରାଜ୍ୟ ଗସ୍ତ କରିକରି କଲା, ସଂସ୍କୃତି, ଇତିହାସ୍ ଆଉ ଐତିହ୍ୟ କ୍ଷେତ୍ରଥି ଦୁହି ଦେଶ୍ ଭିତ୍‌ରେ ଭଲ୍ ସମ୍ପର୍କ ଥାପ୍‌ନା କର୍‌ବେ ।

ଯୁକ୍ତ ଦୁଇ ରିଜଲ୍ଟ          ହି.ସ.

ଉଚ୍ଚମାଧ୍ୟମିକ୍ ଶିକ୍ଷା ପରିଷଦ୍ ପରିଚାଲିତ୍ ଯୁକ୍ତ ଦୁଇ ପରୀକ୍ଷାଫଲ୍ ଆଏଜ୍ ବାହାରିଛେ । ଏକାସାଙ୍ଗେ ବିଜ୍ଞାନ୍, କଲା, ବାଣିଜ୍ୟ ଆଉ ଧନ୍ଦାମୂଲକ୍ ପରୀକ୍ଷାଫଲ୍ ବାହାରିଛେ । ମଏଧାନର୍ ସାଢ଼େ ୧୨ ବଜେ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ୍ କାର୍ଯ୍ୟାଲୟ ନ ବିଦ୍ୟାଳୟ ଆଉ ଗଣଶିକ୍ଷା ବିଭାଗ୍ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ପରୀକ୍ଷାଫଲ୍ ଘୋଷ୍‌ନା କରିଛନ୍ । ଇ ବଛର୍ ରାଜ୍ୟର୍ ପାସ୍ ହାର ୮୫ ଦଶ୍‌ମିକ୍ ୮/୫ ପ୍ରତିଶତ୍ ରହିଛେ । ବିଜ୍ଞାନ୍‌ଥି ପାସ୍ ହାର ୮୮ ଦଶ୍‌ମିକ୍ ୮/୨ ପ୍ରତିଶତ୍, କଲାଥି ୮୪ ଦଶ୍‌ମିକ୍ ୫/ଶୂନ୍ ପ୍ରତିଶତ୍, ବାଣିଜ୍ୟଥି ୮୮ ଦଶ୍‌ମିକ୍ ଶୂନ୍/୭ ପ୍ରତିଶତ୍ ଆଉ ଧନ୍ଦାମୂଲକ୍ ଶିକ୍ଷାଥି ୭୭ ଦଶ୍‌ମିକ୍ ୬/୨

ପ୍ରତିଶତ୍ ରହିଛେ । ଛାତ୍ରଛାତ୍ରୀମାନେ ସେମାନ୍‌କର୍ ପରୀକ୍ଷାଫଲ୍ results.orissa.gov.in ଆଉ results.digilocker.gov.in ନୁ ଜାନିପାର୍‌ବେ । ଏକ୍ସ ରେଗୁଲାର୍ ଆଉ ରେଗୁଲାର୍ ବର୍ଗଥି ମୋଟ୍ ୩ ଲାଖ୍ ୯୮ ହଜାର୍ ୯୦ ଝନ୍ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ । ସେଥିର୍ ଭିତ୍‌ରୁ ୩ ଲାଖ୍ ୪୧ ହଜାର୍ ୭ ଶହ ୮୧ ଝନ୍ ଛାତ୍ରଛାତ୍ରୀ ପାସ୍ ହେଇଛନ୍ । କଳାଥି ସମ୍ବଲ୍‌ପୁର୍ ଜିଲ୍ଲା ୮୯ ଦଶ୍‌ମିକ୍ ୪/୮ ପ୍ରତିଶତ୍‌ଥି ସର୍ବାଧିକ୍ ଉତୀର୍ଣ୍ଣ ହାର ରହିଥିବାର୍ ବେଲେ ବାଣିଜ୍ୟଥି ବୌଦ୍ଧ ଜିଲ୍ଲା ଶହେ ପ୍ରତିଶତ୍‌ଥି ସର୍ବାଧିକ ଉତୀର୍ଣ୍ଣ ହାରଥି ରହିଛେ । ଆଏବା କାଏଲ୍‌ଠାନୁ ଛାତ୍ରଛାତ୍ରୀମାନେ ଡିଜି ଲକର୍‌ନୁ ମାର୍କସିଟ୍ ଡାଉନ୍‌ଲୋଡ୍ କରିପାର୍‌ବେ ବଲି ସୂଚ୍‌ନା ଦିଆଯାଇଛେ ।

ଯୁକ୍ତ ଦୁଇ-ଇମ୍ପ୍ରୁଭ୍‌ମେଂଟ୍ ପରୀକ୍ଷା ହି.ସ.

ଇ ବଛର୍ ଯୁକ୍ତ ଦୁଇ ଛାତ୍ରଛାତ୍ରୀମାନେ ଇମ୍ପ୍ରୁଭ୍‌ମେଂଟ୍ ପରୀକ୍ଷା ଦେଇପାର୍‌ବେ । ଜୁଲାଇ ମାସର୍ ପହେଲା ହପ୍ତାଥି ଇ ପରୀକ୍ଷା

ହେବା । ୟୁକ୍ତ ଦୁଇ ପରୀକ୍ଷାଫଲ୍ ବାହାର୍‌ବାର୍ ଉତ୍‌ରୁ ମନ୍ତ୍ରୀ ଶ୍ରୀ ଗଣ୍ଡ ଇ ସୂଚ୍‌ନା ଦେଇଛନ୍ । ସେ କହିଛନ୍, ଛାତ୍ରଛାତ୍ରୀମାନ୍‌କୁ କେନ୍‌ସି ଗୁଟେ ବିଷେଥି ଇମ୍ପ୍ରୁଭ୍‌ମେଂଟ୍ ଲାଗି ସୁଯୋଗ୍ ଦିଆୟିବା । ପରୀକ୍ଷାର୍ଥୀ ସେ ବିଷେଥି ପାସ୍ କରିଥିଲେ ଯାଇକରି ଇମ୍ପ୍ରୁଭ୍‌ମେଂଟ୍ ପରୀକ୍ଷା ଦେଇପାର୍‌ବେ ବଲି କୁହାଯାଇଛେ ।

ଧର୍ମେନ୍ଦ୍ର ପ୍ରଧାନ୍-ନିଟ୍ ୟୁଜି ଏନ୍‌ଏସ୍‌ଡି

ଆଗ୍‌କେ ହେବାର୍‌କେ ଥିବା ନିଟ୍ ୟୁଜି ପୁନଃ ପରୀକ୍ଷାର ନିରାପଦ୍ ଆଉ ନୀରପେକ୍ଷ ଭାବେ କରାବାର୍ ଲାଗି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ କଡ଼ା ସୁରକ୍ଷା ବ୍ୟବସ୍ଥା ଆଉ ଅଏତ୍‌କା ସତର୍କତା ଉପ୍‌ରେ ଜୋର୍ ଦେଇଛନ୍ । ଆଏଜ୍ ନୂଆଦିଲ୍ଲୀ ନ କେନ୍ଦ୍ରୀୟ ସୁରକ୍ଷା ଆଉ ଗୁଇନ୍ଦା ସଂସ୍ଥାମାନ୍‌କର୍ ସାଙ୍ଗେ ଗୁଟେ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ୍‌ଥି ଶ୍ରୀ ପ୍ରଧାନ୍ ଅଧ୍ୟକ୍ଷତା କରିଛନ୍ । ପ୍ରତିଯୋଗିତାମୂଲକ୍ ପରୀକ୍ଷାକେ ନେଇକରି ବେନାମୀ ଅନ୍‌ଲାଇନ୍ ଗ୍ରୁପ୍‌ଥି ଭୁଲ୍ ସୂଚ୍‌ନା ଚାପ୍‌ବାର୍‌କେ

ନେଇକରି ବୈଠକ୍‌ଥି ଚିନ୍ତା ପ୍ରକାଟ୍ କରାଯାଇଛେ । ଇତାକେ ଗମ୍ଭୀରତାର୍ ସହେତେ ନେଇକରି ମନ୍ତ୍ରୀ ଏନ୍ତା ନେଟ୍‌ୱର୍କ ମାନ୍‌କର୍ ଉପ୍‌ରେ କଡ଼ା କାର୍ଯ୍ୟାନୁଷ୍ଠାନ୍ ନେବାର୍‌କେ ନିର୍ଦ୍ଦେଶ୍ ଦେଇଛନ୍ । ସୋସିଆଲ୍ ମିଡ଼ିଆ ପ୍ଲାଟ୍‌ଫର୍ମ ମାନ୍‌କେ ଶିକ୍ଷା ମନ୍ତ୍ରଣାଳୟ, ଏନ୍‌ଟିଏ ଆଉ ଆଇନ୍ ପ୍ରବର୍ତ୍ତନ୍ ସଂସ୍ଥା ମିଶିକରି ଭୂଲ୍ ସୂଚ୍‌ନାକେ ରୁକ୍‌ବାର୍ ଆଉ ପରୀକ୍ଷା ବ୍ୟବସ୍ଥାର୍ ବିଶ୍ୱସନୀୟତାକେ ବଜାୟ ରଖ୍‌ବାର୍ ବାବ୍‌ଦେ ମନ୍ତ୍ରୀ ଶ୍ରୀ ପ୍ରଧାନ୍ କହିଛନ୍ ।

ମନ୍ କି ବାତ୍          ଆର୍‌ଏନ୍‌ୟୁ/ ସମ୍ବଲପୁର

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା ୩୧ ତାରିଖ୍ ରଏବାର୍ ଦିନ ସଖାଲର୍ ୧୧ ବଜେ ଆକାଶ୍‌ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ଦେଶ୍ ଆଉ ଦୁନିଆସାରା ଲୁକ୍‌କର୍ ସାଙ୍ଗେ ବିଚାର୍ ବିନିମୟ କର୍‌ବେ । ଇଟା ତାଙ୍କର୍ ଶହେ ୩୪ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ହେବା । ଇଥିର୍‌ଲାଗି ପ୍ରଧାନମନ୍ତ୍ରୀ ସାଧାରଣ୍ ଲୁକ୍‌କର୍ ମତାମତ୍ ମାଗିଛନ୍ । ଲୁକେ ନମୋ ଆପ୍

ଆର୍ ମାଇ ଗଭ୍ ପୋର୍ଟାଲ୍‌ରୁ ସେମାନ୍‌କର୍ ମତାମତ୍ ଦେଇପାର୍‌ବେ । ଇତାର୍‌ଛଡ଼ା ୧୮୦୦-୧୧-୭୮୦୦ ଡାଏଲ୍ କରିକରି ନିଜେ ନିଜର୍ ମତାମତ୍ ରେକର୍ଡ଼ କରେଇପାର୍‌ବେ । ୧୯୨୨ ନମ୍ବର୍‌କେ ମିସଡ଼୍ କଲ୍ ଦେଇକରି ଏସ୍‌ଏମ୍‌ଏସ୍ ଜରିଏ ଆଏବା ୨୯ ତାରିଖତକ୍ ନିଜର୍ ମତାମତ୍ ଦେଇପାର୍‌ବେ ।

ସୂର୍ଯ୍ୟାସ୍ତ ୟୁନିଭର୍ସାଲ୍ ରକେଟ୍ ଲଂଚର୍    ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ବାଲେଶ୍ୱର୍ ଚାନ୍ଦିପୁର୍ ସମନ୍ୱିତ୍ ପରୀକ୍ଷଣ୍ କେନ୍ଦ୍ର-ଆଇଟିଆର୍‌ନୁ ସ୍ୱଦେଶୀ ଜ୍ଞାନ୍‌କୌଶଲ୍‌ରୁ ତିଆର୍ ହେଇଥିବା ସୂର୍ଯ୍ୟାସ୍ତ ୟୁନିଭର୍ସାଲ୍ ରକେଟ୍ ଲଂଚର୍ ପ୍ରଣାଳୀର୍ ୨ ଦିନିଆ ପରୀକ୍ଷଣ୍ ସଫଲତାର୍ ସହେତେ ଶେଷ୍ ହେଇଛେ । ପୁନେର ଗୁଟେ ଘରୋଇ ପ୍ରତିରକ୍ଷା ସଂସ୍ଥା ତର୍‌ଫୁ ପ୍ରସ୍ତୁତ୍ ଇ ଅତ୍ୟାଧୁନିକ୍ ରକେଟ୍ ପ୍ରଣାଳୀ ଗଲା ୧୮ ଆଉ ୧୯ ତାରିଖ୍ ନିଜର୍ ଶକ୍ତି ପ୍ରଦର୍ଶନ୍ କର୍‌ବାର୍ ସହେତେ ସବୁ ସାମରିକ୍ ଲକ୍ଷ୍ୟ ହାସଲ୍ କରିଛେ । ମିଳିଥିବା ସୂଚ୍‌ନା ଅନ୍‌ସାରେ ଇ ପରୀକ୍ଷଣ୍‌ରୁ

ସୂର୍ଯ୍ୟାସ୍ତ ରକେଟ୍‌ର ୨ ଟା ଭିନ୍ ଭିନ୍ ସଂସ୍କରଣ୍ ବେଭାର୍ କରାଯାଇଥିଲା । ଇତାର୍ ସଫଲ୍ ପରୀକ୍ଷଣ୍ ଉତ୍‌ରୁ ସେନା ଅଧିକାରୀ ଆଉ ପ୍ରତିରକ୍ଷା ବିଜ୍ଞାନୀମାନେ ଖୁସି ଜାହିର୍ କରିଛନ୍ ।

ଏସ୍‌ଆଇଆର୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ସ୍ୱତନ୍ତ୍ର ସଘନ ଭୋଟର୍ ତାଲିକା ସଂଶୋଧନ୍ - ଏସ୍‌ଆଇଆର୍ ର ଗୁଟେ ଜରୁରୀ ଖେପ୍ ଆଏଜ୍‌ଠାନୁ ମୁଲ୍ ହେଇଛେ । ଗଲା ମଧ୍ୟରାତ୍ରୀନୁ ପୁରୁଣା ଭୋଟର୍ ତାଲିକାକେ ରଦ୍ଦ କରାଯାଇଛେ । ଆଏଜ୍‌ଠାନୁ ପରିଗଣନା ଫର୍ମ ଛାପ୍‌ବାର୍ କାମ୍ ମୁଲ୍ ହେଇଛେ । ରାଜ୍ୟର୍ ୩ କୋଟି ୪୦ ଲାଖ୍‌ନୁ ଅଏତ୍‌କା ଭୋଟର୍ ମାନ୍‌କର୍ ଲାଗି ସମାନ୍ ସଂଖ୍ୟକ ପରିଗଣନା - ଏନ୍ୟୁମରେସନ୍ ଫର୍ମ ଛାପ୍‌ବାର୍ କାମ୍ କରାଯିବା ବଲି ଅତିରକ୍ତ ମୁଖ୍ୟ ନିର୍ବାଚନ୍ ଅଧିକାରୀ ସୁଶାନ୍ତ କୁମାର୍ ମିଶ୍ର କହିଛନ୍ । ଇ ଫର୍ମ ଛପା ହେବାର୍ ଉତ୍‌ରୁ ଇ ମାସର୍ ୩୦ ତାରିଖ୍‌ନୁ ବୁଥ୍‌ସ୍ତରୀୟ ଅଧିକାରୀମାନେ ଘର୍‌ଘର୍ ଯାଇକରି ଭୋଟର୍ ମାନ୍‌କୁ ଫର୍ମ ଦେବେ । ଦର୍‌କାର୍ ଜାଗା ନ ସମ୍ପୃକ୍ତ

ଭୋଟର୍ ମାନ୍କର୍ ଅନୁପସ୍ଥିତିଥି ବୁଥ୍ସ୍ତରୀୟ ଅଧିକାରୀମାନେ ସର୍ବାଧିକ୍ ୩ ଥର୍ ସେମାନ୍କର୍ ନିକେ ଯିବେ । ଅତିରକ୍ତ ମୁଖ୍ୟ ନିର୍ବାଚନ୍ ଅଧିକାରୀଙ୍କର୍ ସୂଚ୍ନା ଅନ୍ସାରେ ପରିଗଣନା ଫର୍ମ ସବୁ ଛାପ୍ବାର୍ ଲାଗି ସ୍ୱତନ୍ତ୍ର ପଦକ୍ଷେପ୍ ନିଆଯାଇଛେ । ସୂଚ୍ନା ଅନ୍ସାରେ ଇ ଫର୍ମଥି ଭୋଟର୍ ମାନ୍କର୍ ଫଟୋ ସହେତେ ଅଲ୍ଗା ଜରୁରୀ ତଥ୍ୟ ରହିଛେ । ଇ ବାବ୍ଦେ ଶ୍ରୀ ମିଶ୍ର କହିଛନ୍ ।
(ଭଏସ୍ ଓଭର୍- ସୁଶାନ୍ତ କୁମାର୍ ମିଶ୍ର)

ବନକଲାଗି ଆର୍ଏନ୍ୟୁ/ ସମ୍ବଲପୁର

ଜ୍ୟେଷ୍ଠ ମାସ୍ର ଅନ୍ଧାର୍ ପଖର୍ ଚତୁର୍ଥୀ ତିଥି ନ ପୁରୀ ଶ୍ରୀମନ୍ଦିର୍ ନ ଆଏଜ୍ ମାହାପୁରୁମାନ୍କର୍ ବନକଲାଗି ନୀତି ହେଉଛେ । ଦ୍ୱିତୀୟ ଭୋଗମଣ୍ଡପ୍ ନୀତି ଶେଷ୍ ହେବାର୍ ଉତ୍ରୁ ସଞ୍ଜର୍ ୬ ବଜେନୁ ମୁଲ୍ ହେଇକରି ରାତି ୧୦ ବଜେତକ୍ ଇ ନୀତି ଚାଲ୍ବା । ବନକଲାଗି ନୀତି ଗୁଟେ ଗୁପ୍ତ ନୀତି ହେଇଥିବାର୍ନୁ ଶ୍ରୀଜୀଉଙ୍କର୍ ସର୍ବସାଧାରଣ ଦର୍ଶନ୍ ବନ୍ଦ୍ ରହିଛେ ବଲି ଶ୍ରୀମନ୍ଦିର୍ ପ୍ରଶାସନ୍ ତର୍ଫୁ ସୂଚ୍ନା ଦିଆଯାଇଛେ ।

ବିଶ୍ୱ ମହୁମାଛି ଦିବସ୍            ଆର୍‌ଏନ୍‌ୟୁ/ ସମ୍ବଲପୁର

ପୁର୍‌ଥିକେ ସୁସ୍ଥ ରଖବାର୍‌ଥି ମହୁମାଛିମାନ୍‌କର୍ ଗୁରୁତ୍ୱପୂର୍ଣ୍ଣ ଭୂମିକା ଆଉ ସେମାନେ ସାମ୍ନା କରୁଥିବା ବହୁତ୍‌ଟେ ଆହ୍ୱାନ୍‌ର ମୁକାବିଲା ଲାଗି ସଚେତନତା ସୃଷ୍ଟି ଉଦ୍ଦେଶ୍ୟ୍‌ଥି ଆଏଜ୍ ବିଶ୍ୱ ମହୁମାଛି ଦିବସ୍ ପାଲନ୍ କରାଯାଉଛେ । ପରାଗ ରେଣୁ ବହନକାରୀ ଭାବେ ମହୁମାଛି ମାନ୍‌କର୍ ମହତ୍ୱ, ସମାଜ୍ ନ ସନ୍ତୁଲନ୍ ରକ୍ଷାକାରୀ ଭାବେ ସଚେତନତା ସୃଷ୍ଟି କର୍‌ବାର୍ ଉଦ୍ଦେଶ୍ୟ୍‌ଥି ମିଲିତ ଜାତିସଂଘ ସାଧାରଣ ସଭା ତର୍‌ଫୁ ୨୦୧୮ ମସିହାନୁ ଆଝିର୍ ଦିନ୍‌କେ ବିଶ୍ୱ ମହୁମାଛି ଦିବସ୍ ଭାବେ ପାଲନ୍ କରାଯାଏସି । ଇ ବଛର୍ ଇ ଦିବସ୍‌ର ବାର୍ତା ରହିଛେ । ‘ମହୁମାଛି ସାଙ୍ଗେ ମିଶିକରି, ଲୁକ୍‌କର୍ ଲାଗି ଆଉ ପୁର୍‌ଥି ଲାଗି- ଇ ସହଭାଗିତ ଆମକୁ ବଂଚେଇ ରଖ୍‌ସି’ । ମୁନୁଷ୍ ଆଉ ପରିବେଶ୍‌ର ମଙ୍ଗଳ ଲାଗି ହଜାର୍ ହଜାର୍ ବଛର୍ ଧରିକରି ମହୁମାଛି ଚାଷ୍‌ର ପାରମ୍ପରିକ୍ ଜ୍ଞାନ୍ ସାଙ୍ଗେ ଆଧୁନିକ୍ ପ୍ରଯୁକ୍ତିର ମିଶ୍ରଣ ଲାଗି ମହୁମାଛି ଆଉ ମୁନୁଷ୍ ଲାଭ୍ ପାଏବେ

ବଲି ଇ ବଛର୍ ବାର୍ତା ଦେଇଛେ । ସ୍ଥାୟୀ ମହୁମାଛି ପାଲନ୍, ଖାଦ୍ୟ ସୁରକ୍ଷା ଆଉ ପରିବେଶ୍ ପରିସଂସ୍ଥାନ୍‌ଥି ଇ ପରାଗମାନ୍‌କର୍ ଜରୁରୀ ଭୂମିକା ଉପ୍‌ରେ ପରିବେଶ୍‌ବିତ୍‌ମାନେ ଗୁରୁତ୍ୱାରୋପ କର୍‌ସନ୍ ।

ବୌଦ୍ଧ -ଧାନ୍ ଘିନା ବୈଠକ ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା ନ ୨୦୨୫-୨୬ ଖରିଫ୍ ବିପଣନ୍ ବଛର୍ ଲାଗି ଡାଲୁଆ ଧାନ୍ ଘିନା ପ୍ରସ୍ତୁତି ବାବଦ୍ ଜିଲ୍ଲାସ୍ତରୀୟ ବୈଠକ୍ ଜିଲ୍ଲାପାଲ୍‌ଙ୍କର୍ ସଦ୍‌ଭାବନା ସଭାଗୃହ ନ ହେଇଯାଇଛେ । ବୈଠକ୍‌ଥି କଂଟାମାଲ୍ ବିଧାୟକ୍ ଆଉ ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ କହ୍ନେଇ ଚରଣ୍ ଡାଙ୍ଗ ଯୋଗ୍ ଦେଇକରି ଚାଷୀମାନ୍‌କର୍ ସୁବିଧା ଆଉ ଧାନ୍‌ଘିନାକେ ଠିକ୍ ଭାବେ କର୍‌ବାର୍ ଉପ୍‌ରେ ଜୋର୍ ଦେଇଛନ୍ । ଇ ଚଲ୍‌ତି ଡାଲୁଆ ଋତୁ ଲାଗି ଜିଲ୍ଲା ନ ପହେଲା ଖେପେ ୧ ଲାଖ୍ ୮୮ ହଜାର୍ ୯ ଶହ ୫୦ କ୍ୱିଂଟାଲ୍ ଧାନ୍ ଘିନ୍‌ବାର୍ ଲକ୍ଷ୍ୟ ଧାରିଜ୍ କରାଯାଇଛେ ।

ଇଥିର୍‌ଲାଗି ୮ ହଜାର୍ ୨ ଶହ ୯୦ ଝନ୍ ଚାଷୀ ପଞ୍ଜିକରଣ୍ କରିଛନ୍ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟର୍ ବଡ଼ଭାଗୀ ଜାଗା ନ ଗରମ୍ ଆଉ ଗୁଲ୍‌ଗୁଲି ପାଗ୍ ଲାଗି ରହିଛେ । ପଶ୍ଚିମ ଓଡ଼ିଶାର୍ ବହୁତ୍‌ଟେ ଜାଗାର୍ ତାପମାତ୍ରା ୪୦ ଡିଗ୍ରୀ ଉପ୍‌ରେ ରହୁଥିବାର୍ ସୂଚ୍‌ନା ମିଳିଛେ । ଆଏବା ହପ୍ତେତକ୍ ରାଜ୍ୟର୍ ଭିନ୍ ଭିନ୍ ଜିଲ୍ଲା ନ ତାପମାତ୍ରା ୨ ନୁ ୩ ଡିଗ୍ରୀତକ୍ ବଢ୍‌ବାର୍ ସମ୍ଭାବନା ଅଛେ ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ କୁହାଯାଇଛେ ।
ସେଆଡ଼େ ୪୬ ଡିଗ୍ରୀ ତାପମାତ୍ରା ସହେତେ ଝାର୍‌ସୁଗୁଡ଼ା ହେଇଛେ ରାଜ୍ୟର୍ ସବୁନୁ ତତ୍‌ଲା ସହର୍ । ସମ୍ବଲ୍‌ପୁର୍ ନ ରେକର୍ଡ଼ ହେଲା ୪୫ ଡିଗ୍ରୀ ସେଲ୍‌ସିଅସ୍ ।